# NATIONAL NEWS BULLETIN (ODIA)
## 24 March - 2025
## Morning Bulletin : 7.15 a.m.
**********************************

## ମୁଖ୍ୟ ସମ୍ବାଦ

- ଛତିଶଗଡ଼ ଏବଂ ଓଡ଼ିଶାକୁ ଆଜି ଗସ୍ତରେ ଆସିବେ ରାଷ୍ଟ୍ରପତି ।
- ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ପାଇଁ ବ୍ୟବସାୟ ଓ ନିବେଶ ମାନଦଣ୍ଡ ସଂଶୋଧିତ ବିଜ୍ଞପ୍ତି ଜାରି ।
- ଦିଲ୍ଲୀ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ।
- ରିଆଦ୍ ଠାରେ ଆମେରିକା ଏବଂ ୟୁକ୍ରେନ୍ ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଆଲୋଚନା ଅନୁଷ୍ଠିତ ।

ଏବଂ

- ଉଭୟ ପୁରୁଷ ଏବଂ ମହିଳା ବର୍ଗରେ କବାଡ଼ି ବିଶ୍ୱକପ୍ ଟାଇଟଲ ହାସଲ କଲା ଭାରତ ।

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଛତିଶଗଡ଼ ଏବଂ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ରାଇପୁର ଠାରେ ରାଷ୍ଟ୍ରପତି ଛତିଶଗଡ଼ ବିଧାନସଭାର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେବେ । ଓଡ଼ିଶା ନୟାଗଡ଼ରେ ଭାରତୀୟ ବିଶ୍ୱବସୁ ସବର ସମାଜର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଏମ୍‌ଏସ୍‌ଏମ୍‌ଇ

ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ପାଇଁ ବ୍ୟବସାୟ ଏବଂ ନିବେଶ ମାନଦଣ୍ଡ ସଂଶୋଧିତ ବିଜ୍ଞପ୍ତି ସରକାର ଜାରି କରିଛନ୍ତି । ଏହି ସଂଶୋଧନ ଆସନ୍ତା ମାସ ପହିଲାରୁ ଲାଗୁ ହେବ । ଅଢ଼େଇ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ହୋଇଥିବା ଉଦ୍ୟୋଗ ଗୁଡ଼ିକ ସଂଶୋଧିତ ନିୟମାବଳୀ ଅନୁଯାୟୀ ଅଣୁ-କ୍ଷୁଦ୍ର ଉଦ୍ୟୋଗ ଭାବେ ବିବେଚିତ ହେବେ । ବ୍ୟବସାୟ ସୀମା ୫ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

ସେହିଭଳି ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜିନିବେଶ ହେଉଥିବା ଉଦ୍ୟୋଗ ଗୁଡ଼ିକୁ କ୍ଷୁଦ୍ର ବର୍ଗରେ ସାମିଲ କରାଯାଇଛି । ପୂର୍ବରୁ ଏହା ୧୦ କୋଟିରେ ସୀମିତ ଥିଲା । ଏହି ଉଦ୍ୟୋଗ ଗୁଡ଼ିକ ପାଇଁ ବ୍ୟବସାୟ

ସୀମାକୁ ୫୦ କୋଟି ଟଙ୍କାରୁ ୧୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ୧୨୫ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ହୋଇଥିବା ଉଦ୍ୟୋଗକୁ ମଧ୍ୟମବର୍ଗ ଉଦ୍ୟୋଗ ଭାବେ ବିବେଚିତ ହେବ । ପୂର୍ବରୁ ନିବେଶର ପରିମାଣ ୫୦ କୋଟି ଟଙ୍କା ମଧ୍ୟରେ ଧାର୍ଯ୍ୟ ହୋଇଥିଲା । ଏହି ଉଦ୍ୟୋଗ ପାଇଁ କାରବାର ସୀମାକୁ ଦୁଇଗୁଣ ବୃଦ୍ଧି କରାଯାଇ ୫୦୦ କୋଟି ଟଙ୍କାକୁ ଧାର୍ଯ୍ୟ ହୋଇଛି ।

ସୂଚନା ଯୋଗ୍ୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଅଭିଭାଷଣରେ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗଗୁଡ଼ିକର ବର୍ଗୀକରଣ ମାନଦଣ୍ଡ ସଂଶୋଧନ ହେବା ନେଇ ଘୋଷଣା କରିଥିଲେ ।

## ଦିଲ୍ଲୀ ଆସେମ୍ବ୍ଲି

ଦିଲ୍ଲୀ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେବ । ଏହି ଅଧିବେଶନ ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟସୂଚୀ ରହିଛି । ଆବଶ୍ୟକ ସ୍ଥଳେ ଅଧିବେଶନର ସମୟସୀମା ବୃଦ୍ଧି କରାଯିବ ବୋଲି ଘୋଷଣା କରାଯାଇଛି । ଡି.ଟି.ସି.ର କାର୍ଯ୍ୟକାରିତା ଉପରେ ସି.ଏ.ଜି. ରିପୋର୍ଟ ଆଜି ଗୃହରେ ଉପସ୍ଥାପନ କରାଯିବ ।

ଆସନ୍ତା ଆର୍ଥିକ ବର୍ଷ ପାଇଁ ଗୃହରେ ଆସନ୍ତାକାଲି ବଜେଟ୍ ଉପସ୍ଥାପନ କରାଯିବ । ସରକାରଙ୍କ ଆର୍ଥିକ ପ୍ରାଥମିକତା ଏବଂ ଆସନ୍ତା ଆର୍ଥିକ ବର୍ଷର ବିକାଶ କାର୍ଯ୍ୟସୂଚୀର ରୂପରେଖ ମଧ୍ୟ ଗୃହରେ ଉପସ୍ଥାପନ କରାଯିବ । ଏହି ଅଧିବେଶନରେ ପ୍ରମୁଖ ଆର୍ଥିକ ଏବଂ ନୀତିଗତ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହିତ ନିଷ୍ପତ୍ତି ଗ୍ରହଣ କରାଯିବ । ତେବେ ଅର୍ଥ ଆବଣ୍ଟନ ଏବଂ ନୀତିଗତ ପଦକ୍ଷେପଗୁଡ଼ିକର ବିଶ୍ଳେଷଣ କରିବା ଲାଗି ଚଳିତ ମାସ ୨୬ ତାରିଖରେ ବଜେଟ୍ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ଯକ୍ଷ୍ମା ଦିବସ

ଯକ୍ଷ୍ମାରୋଗର କାରଣ, ଏହାର ନିରାକରଣ ଏବଂ ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଡୁଥିବା ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଉଛି । ଏହି ରୋଗର ମୂଳୋତ୍ପାଟନ ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ୧୮୮୨ ମସିହାରେ ଡକ୍ଟର ରବର୍ଟ୍ କୋଚ୍‌ଙ୍କ ଯକ୍ଷ୍ମା ଜୀବାଣୁ ଆବିଷ୍କାରର ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷର ବିଷୟବସ୍ତୁ ରହିଛି – "ପ୍ରତିଶ୍ରୁତି, ପଦକ୍ଷେପ ଏବଂ କାର୍ଯ୍ୟକାରିତା ମାଧ୍ୟମରେ ହଁ ଆମେ ଯକ୍ଷ୍ମାର ଅନ୍ତ କରିପାରିବା" ।

ଯକ୍ଷ୍ମା ରୋଗର ଆହ୍ୱାନକୁ ମୁକାବିଲା କରିବା ଲକ୍ଷ୍ୟ ନେଇ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ରହିଥିବା ପ୍ରତିବଦ୍ଧତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ବିଷୟବସ୍ତୁର ମୁଖ୍ୟ ଉଦ୍ଦେଶ୍ୟ । ଦେଶରେ ଯକ୍ଷ୍ମା ନିରାକରଣ ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ରୋଗି ଚିହ୍ନଟ, ମାଗଣା ଔଷଧ ପ୍ରଦାନ ଏବଂ ଚିକିତ୍ସାର ବ୍ୟବସ୍ଥା କରାଯିବା ସହ ନି-ଅକ୍ଷୟ ପୋଷଣ ଯୋଜନା ମାଧ୍ୟମରେ ରୋଗିଙ୍କୁ ପୋଷଣ ସହାୟତା ବାବଦରେ ମାସିକ ୧ହଜାର ଟଙ୍କା ପ୍ରଦାନ କରିବା ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଯକ୍ଷ୍ମା ରୋଗିଙ୍କ ଚିହ୍ନଟ ତଥା ସେମାନଙ୍କୁ ଚିକିତ୍ସା ପ୍ରଦାନ ନେଇ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଦେଶରେ ଅନୁଷ୍ଠିତ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୨୪ ରିପୋର୍ଟ ଅନୁଯାୟୀ ଭାରତରେ ଯକ୍ଷ୍ମା ସଂକ୍ରମଣ ହାର ୧୭ ଦଶମିକ୍ ୭ ପ୍ରତିଶତ ହ୍ରାସ ପାଇଛି ।

## ଆମେରିକା-ୟୁକ୍ରେନ୍

ସାଉଦିଆରବର ରାଜଧାନୀ ରିଆଦ୍ ଠାରେ ଆମେରିକା-ୟୁକ୍ରେନ୍ ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଆଲୋଚନା ହୋଇଛି । ୟୁକ୍ରେନ୍‌ର ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତେମ୍ ଉମରୋଭ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦୁଇପକ୍ଷ ମଧ୍ୟରେ ଆଲୋଚନା ଫଳପ୍ରଦ ହୋଇଛି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହି

ଆଲୋଚନାରେ ସ୍ଥାନ ପାଇଥିଲା । ସେ କହିଛନ୍ତି, ୟୁକ୍ରେନ୍ ଏବଂ ୟୁରୋପ ପାଇଁ ଏକ ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ଶାନ୍ତି ହାସଲ କରିବା ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍ସ୍କି ପ୍ରତିଶ୍ରୁତିବଦ୍ଧ । ଜେଦାଠାରେ ଅନୁଷ୍ଠିତ ଆଲେଚାନାରେ ଆମେରିକା ଦ୍ୱାରା ପ୍ରସ୍ତାବିତ ୩୦ ଦିନର ଅସ୍ତ୍ରବିରତି ୟୁକ୍ରେନ୍ ସହମତ ହୋଇଥିଲା ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ ଆମେରିକା ଏବଂ ରୁଷ ପ୍ରତିନିଧି ଦଳ ମଧ୍ୟରେ ଆଜି ଅନୁଷ୍ଠିତ ହେବାକୁ ଥିବା ଆଲୋଚନା ଏହି କୂଟନୈତିକ ପ୍ରୟାସକୁ ଅଧିକ ଗୁରୁତ୍ୱପ୍ରଦାନ କରିଛି । ଜେଲେନ୍ସ୍କି  ଯୁଦ୍ଧକୁ ପାଇଁ ରୁଷ୍‌କୁ ଦାୟୀ କରିଛନ୍ତି ।

## ନେପାଳ-ସ୍କଲାର୍‌ସିପ୍

ନେପାଳ କାଠମାଣ୍ଡୁ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ୨୩ତମ ସୁବର୍ଣ୍ଣ ଜୟନ୍ତୀ ଛାତ୍ରବୃତ୍ତି ଦିବସ ପାଳନ କରାଯାଇଛି । ନେପାଳର ପାଖାପାଖି ୨୦୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଭାରତ-ନେପାଳ ଅର୍ଥନୈତିକ ସହଯୋଗର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ୨୦୦୨ ମସିହାରେ ଏହି ସମ୍ମାନଜନକ ସୁବର୍ଣ୍ଣ ଜୟନ୍ତୀ ଛାତ୍ରବୃତ୍ତି ପ୍ରତିଷ୍ଠା କରାଯାଇଥିଲା ।

ଗତ କିଛି ବର୍ଷ ମଧ୍ୟରେ ବୃତ୍ତି ପାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ବାର୍ଷିକ ୨୦୦କୁ ବୃଦ୍ଧି ପାଇଛି । ନେପାଳର ସମସ୍ତ ୭୭ଟି ଜିଲ୍ଲାରେ ୩ ହଜାର ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ବୃତ୍ତି ଯୋଜନାର ସୁଫଳ ପାଉଛନ୍ତି । ଚଳିତ ବର୍ଷ ଛାତ୍ର ବୃତ୍ତି ପୁରସ୍କାର ପାଇଥିବା ଶିକ୍ଷାର୍ଥୀ ୭୫ଟି ଜିଲ୍ଲାରୁ ଆସିଛନ୍ତି । ସେଥିରୁ ୩ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ରହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଡିନ୍ ଏବଂ ବିଶ୍ୱବିଦ୍ୟାଳୟର ମୁଖ୍ୟ ଯୋଗଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ଯୋଗଦେଇ ଯୋଜନାର ସୁଫଳ ପାଇଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ଅନ୍ୟାନ୍ୟ ସହଯୋଗୀ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଭାରତ ସରକାର ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ନେପାଳର ପାଖାପାଖି ୧୫୦୦ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରିଥାନ୍ତି । ଏହା ମାଧ୍ୟମରେ ସେମାନେ ଭାରତୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷାଲାଭ କରିବାର ସୁଯୋଗ ପ୍ରଦାନ କରିଥାଏ । ଭାରତ ଏବଂ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ଶିକ୍ଷା, ଦକ୍ଷତା ବୃଦ୍ଧି ଏବଂ ଭାଗିଦାରିତାର ସୁଦୃଢ଼ ସମ୍ପର୍କକୁ ଏହି ଶିକ୍ଷାବୃତ୍ତି ପ୍ରତିପାଦିତ କରିଥାଏ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯକ୍ଷ୍ମାର ନିରାକରଣ ଓ ଚିକିତ୍ସା** ଶୀର୍ଷକ ଆଲୋଚନା ପ୍ରଚାରଣ କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଉପ-ମହାନିର୍ଦ୍ଦେଶକ ଡକ୍ଟର ଉର୍ବଶି ବି ସିଂହ ଏବଂ ନୂଆଦିଲ୍ଲୀ ସ୍ଥିତ ସବ୍‌ଦରଜଙ୍ଗ ହସ୍ପିଟାଲ୍‌ର ପଲମୋନାରି ମେଡିସିନ୍ ବିଭାଗର ମୁଖ୍ୟ ଡକ୍ଟର ରୋହିତ କୁମାର  ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  ୦୧୧-୨୩୪୨୧୦୫୦  ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## କବାଡ଼ି

ଭାରତ ଉଭୟ ପୁରୁଷ ଏବଂ ମହିଳା ବର୍ଗରେ କବାଡ଼ି ବିଶ୍ୱକପ୍ ଟାଇଟଲ ହାସଲ କରିଛି । ଇଂଲଣ୍ଡର ଓ୍ୱଲ୍‌ଭର୍‌ହାମ୍ପ୍‌ଟନ୍ ଠାରେ

ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତ ପୁରୁଷ ବର୍ଗରେ ଇଂଲଣ୍ଡକୁ ୪୪-୪୧ ପଏଣ୍ଟରେ ପରାସ୍ତ କରିଥିଲା ।

ସେହିଭଳି ମହିଳା ବର୍ଗରେ ମଧ୍ୟ ଭାରତୀୟ ଦଳ ଇଂଲଣ୍ଡକୁ ୫୭-୩୪ ପଏଣ୍ଟରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି । ପ୍ରଥମଥର ପାଇଁ  ଏସିଆ ବାହାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

ସୂଚନା ଯୋଗ୍ୟ ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ୨୦୧୯ରେ ମାଲେସିଆ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ  ଭାରତ ଉଭୟ ବର୍ଗରେ ବିଜୟୀ ହୋଇଥିଲା ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିଜୟୀ ହୋଇଛି । ଚେନ୍ନାଇର ଏମ୍. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ମୁମ୍ବାଇ ଇଣ୍ଡିଆନ୍ସକୁ ୪ ୱିକେଟ୍‌ରେ ହରାଇ ଦେଇଛି । ଟସ୍ ଜିତି ଚେନ୍ନାଇ ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ରଥବେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୫୫ରନ୍ ସଂଗ୍ରହ କରିଥିଲା । ୧୫୬ରନ୍‌ର ବିଜୟ ଲକ୍ଷ୍ୟକୁ ଚେନ୍ନାଇ

୧୯ ଓଭର ଗୋଟିଏ ବଲ୍‌ରେ ୬ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ରଚିନ୍ ରବିନ୍ଦ୍ର ଅପରାଜିତ ୬୫ରନ୍ ଏବଂ ଅଧିନାୟକ ଋତୁରାଜ ଗାୟକୱାଡ୍ ୫୩ରନ୍ ସଂଗ୍ରହ କରିଥିଲେ । ଚେନ୍ନାଇର ନୁର୍ ଅହମ୍ମଦ ପ୍ଲେୟାର୍ ଅଫ୍‌ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍’ ରାଜସ୍ଥାନ ରୟାଲ୍ସ ବିରୁଦ୍ଧରେ ୪୪ରନ୍‌ରେ ବିଜୟୀ ହୋଇଥିଲା । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ରୟାଲ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରେ ୬ ଓ୍ୱିକେଟ୍ ବିନିମୟରେ ୨୮୬ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଇଶାନ୍ କିଶାନ୍ ଶତକୀୟ ପାଳି ଖେଳିଥିବା ବେଳେ ଟ୍ରାଭିସ୍ ହେଡ୍ ୬୭ ରନ୍ ସଂଗ୍ରହ କରିଥିଲେ । ୨୮୭ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍ସ ୬ ଓ୍ୱିକେଟ୍ ବିନିମୟରେ ୨୪୨ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ହାଇଦ୍ରାବାଦ୍‌ର ଇଶାନ୍ କିଶାନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ । ବିଶାଖାପଟନମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଏହି ମ୍ୟାଚ୍ ଖେଳାଯିବ ।